ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 01-08-2025

ଗଜପତି(ଓଡିଶା) - :2025-08-01 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2025-08-02 | 2025-08-03 | 2025-08-04 | 2025-08-05 | 2025-08-06 |
|---|---|---|---|---|---|
| ବର୍ଷା (ମିମି) | 5.0 | 4.0 | 4.0 | 7.0 | 10.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 34.0 | 34.0 | 35.0 | 35.0 | 35.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 25.0 | 25.0 | 25.0 | 26.0 | 26.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 91 | 89 | 88 | 89 | 90 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 63 | 65 | 62 | 61 | 63 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 6 | 6 | 3 | 3 | 2 |
| ପବନର ଦିଗ (ଡିଗ୍ରୀ) | 280 | 277 | 360 | 278 | 280 |
| ମେଘାଚ୍ଛନ (ଅକ୍ଟା) | 5 | 5 | 5 | 4 | 5 |
| ସତର୍କବାଣୀ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ |

## ପୂର୍ବାନୁମାନ ସାରାଂଶ:

ଭାରତ ପାଣିପାଗ ବିଭାଗରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ମଙ୍ଗଳବାର ଦିନ ପର୍ଯ୍ୟନ୍ତ ହାଲୁକା ବର୍ଷା ହେବା ସହିତ ଆକାଶ ଆଂଶିକ ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚଦିନ ପର୍ଯ୍ୟନ୍ତ ପବନର ବେଗ ୦୨.୦ ରୁ ୦୬.୦ କିଲୋମିଟର ପ୍ରତିଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୪.୦° ସେଲସିୟସ ରୁ ୩୫.୦° ସେଲସିୟସ ଏବଂ ୨୫.୦° ସେଲସିୟସ ରୁ ୨୬.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୮୮ ରୁ ୯୧ ଶତକଡା ଏବଂ ୬୧ ରୁ ୬୫ ଶତକଡା ମଧ୍ୟରେ ରହିପାରେ ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ହଳଦିଆ ଚେତାବନୀ (ସତର୍କ ରୁହନ୍ତୁ): - ବର୍ଷା ଏବଂ ବଜ୍ରପାତ ସହିତ ଝଟକା ପବନ ବହିବାର ସମ୍ଭାବନା ରହିଛି ।

**ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂସ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:**

□ ଧାନ, ଡାଲି ଓ ତୈଳ ବୀଜ ଜାତୀୟ ଫସଲର ମାନ କମିଯାଇପାରେ ପାକଳ ଫସଲ ଝଡିପଡିବାର ସମ୍ଭାବନା ରହିଛି । □ ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା □ ପନିପରିବା ତଳି ଘେରା ନଷ୍ଟ ହେବ □ ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା □ ବିଲ ଓ ଫସଲରେ ପାଣି ଜମିବା

**ସାଧାରଣ ଉପଦେଶ:**

ଗଜପତି ଜିଲ୍ଲାରେ ଗତସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୨.୪° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୪.୯° ସେଲସିୟସ ଥିଲା । ଗତସପ୍ତାହରେ ଜିଲ୍ଲାରେ ୧୦.୦ ମିଲିମିଟର ବର୍ଷା ହୋଇଅଛି । ମୁଖ୍ୟ ଜମି କୁ ୭ ରୁ ୧୦ ଦିନ ଅନ୍ତରରେ ଦୁଇ ଥର କାଦୁଅ କରି ଭଲ ଭାବେ ସମତୁଲ କରି ଦିଅନ୍ତୁ । ଧାନ ମୁଖ୍ୟ ଜମି ରେ କାଦୁଅ କରିବା ପାଇଁ ଓ ତାଳି ରୋପଣ ପାଇଁ ହିଡ ତିଆରି କରି ବର୍ଷା ପାଣି କୁ ବାନ୍ଧି ରଖନ୍ତୁ । ଧାନ ତଳିଘେରାରେ ଠିଆ ପାଣି କିପରି ନରହିବ ସେଥି ପ୍ରତି ଧ୍ୟାନ ଦିଅନ୍ତୁ । ପନିପରିବା ତଳିଘେରା କୁ ଅଧିକ ବର୍ଷା ରୁ ରକ୍ଷା ପାଇବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘେରା ଉପରେ ଛାମୁଣ୍ଡିଆ କରନ୍ତୁ । ଗାଈଗୋରୁ ମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ । ପର୍ଯ୍ୟାପ୍ତ ପରିମାଣ ର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ । ଗୋଖାଦ୍ୟକୁ ସୁରକ୍ଷିତ ସ୍ଥାନ ରେ ସାଇତି ରଖନ୍ତୁ ଯେପରିକି ତାହା ଅଧିକ ବର୍ଷା ରେ ନଷ୍ଟ ନ ହୁଏ ।

**ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:**

ମୁଖ୍ୟ ଜମିରେ କାଦୁଅ କରିବା ପାଇଁ ଓ ଧାନ ତଳି ରୋପଣ ପାଇଁ ହିଡ ତିଆରି କରି ବର୍ଷା ପାଣିକୁ ବାନ୍ଧି ରଖନ୍ତୁ । ବୁଣା ଧାନରେ ବେଉଷଣ କରନ୍ତୁ ।

**ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଧାନ ତଳିଘେରା ରେ ଉକୁଣିଆ ପୋକ ଦେଖାଗଲେ ଶୁଖିଲା ପାଗ ଦେଖି ଏକର ପ୍ରତି NSKE ୮୦୦ ମିଲି କିମ୍ବା Lambda-Cyhyalothrin୫% EC@ ୧୦୦ ମିଲି କିମ୍ବା Thiamethoxam ୨୫% WG@ ୪୦ ଗ୍ରାମ ପ୍ରୟୋଗ କରନ୍ତୁ । ବୁଣା ଧାନ ୧୫ ରୁ ୨୦ ଦିନ ହୋଇ ଯାଇଥିଲେ ଓ ଘାସ ୩ ରୁ ୪ ପତ୍ର ଥିବା ଅବସ୍ଥା ରେ ଶୁଖିଲା ପାଗ ଦେଖି ରାସାୟନିକ ଉପାୟ ରେ ଘାସ ଦମନ ପାଇଁ ଏକର ପ୍ରତି ୮୦ – ମିଲି Bispyribac Sodium ୧୦% SC ଘାସମରା ଔଷଧ କିମ୍ବା Metsulfuron Methyl ୧୦% + Chlorimuron Ethyl ୧୦% WP ର ମିଳିତ ଘାସମରା ଔଷଧ ଏକର ପ୍ରତି ୮ ଗ୍ରାମ ଔଷଧ କୁ ୨୦୦ ଲିଟର ସଫା ପାଣି ରେ ମିଶାଇ Flat Fan କିମ୍ବା Flood Jet Nozzle ଥିବା ସ୍ପ୍ରେୟର ରେ ସିଞ୍ଚନ କରନ୍ତୁ। |
| ମକା | ମକା ମଞ୍ଜି ବୁଣିବାର ୨୦ ରୁ ୨୫ ଦିନ ହୋଇ ଯାଇଥିଲେ ଘାସ ବାଛି ଜମିକୁ କୋଡାଖୁସା କରି ହୁଡା ଟେକି ଦିଅନ୍ତୁ । ଏହି ସମୟରେ ଏକର ପ୍ରତି ୫୫ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ଫଲ୍ ଆର୍ମି ୱର୍ମ, ନାମକ କୀଟର ପରିଚାଳନା ପାଇଁ ବର୍ଷା ଛାଡ଼ିଗଲା ପରେ ଏକର ପ୍ରତି ୮୦ ଗ୍ରାମ EmamectinBenzoate ନାମକ କୀଟନାଶକ କିମ୍ବା ୧୦୦ ମିଲି Spinetoram ନାମକ କୀଟନାଶକ କିମ୍ବା ୮୦ ମିଲି Chlorantraniliprole ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

**ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ବର୍ଷା ଋତୁରେ ପଶୁମାନଙ୍କ ମଧ୍ୟରେ ରୋଗ ବ୍ୟାପିବାର ସମ୍ଭାବନା ବଢ଼ିଯାଇ ଥାଏ, ତେଣୁ ମୌସୁମୀ ବାୟୁ ପ୍ରବାହ ହେବା ଆଗରୁପଶୁମାନଙ୍କର ଟୀକାକରଣ ନିଶ୍ଚିତ କରାନ୍ତୁ ଏବଂ ସେମାନଙ୍କୁ ସୁସ୍ଥ ରଖିବା ପାଇଁ କୃମି ନ ହେବାର ଔଷଧ ଖୁଆଇବାର ବ୍ୟବସ୍ଥା ନିଶ୍ଚୟ କରାଯିବା ଉଚିତ । ଗୁହାଳ ଘର ଛାତ ନଷ୍ଟ ହେଇଯାଇଥିଲେ କିମ୍ବା ପାଣି ଗଳୁଥିଲେ ତୁରନ୍ତ ତାହାର ମରାମତି କରି ଦିଅନ୍ତୁ । |

**ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫ୍ରେଶ ୱାଟର | ଶୀଘ୍ର ବଢୁଥିବା କାର୍ପ ଜାତୀୟ ମାଛ ଯଥାରୋହୁ, ଭାକୁର ଓ ମିରିକାଳୀ ଏକ ନିର୍ଦ୍ଦିଷ୍ଟ ଅନୁପାତ ୪:୩:୩ ଭାଗ ରେ ଚାଷକରିବା ଦ୍ଵାରା ଅଧିକ ଲାଭ ମିଳିଥାଏ । ସାଧାରଣତଃ ପୋଖରୀରେ ହେକ୍ଟର ପିଛା ୫୦୦୦ଅଙ୍ଗୁଳିଆ ଯାଆଁଳ ଛଡ଼ାଯାଏ । ମାଛ ମାନଙ୍କୁ ବାଦାମ ପିଡିଆ ଓ କୁଣ୍ଡା ସମାନ ଅନୁପାତରେ ମିଶାଇ, ଛାଡିବା ଯାଆଁଳ ଓଜନର ଶତକଡା ୫ଭାଗ ଖାଇବାକୁ ଦିଆଯାଏ । ଗୋବର, ୟୁରିଆ ଓ ସୁପର ଫସଫେଟ ପୋଖରୀର ଉର୍ବରତା ପାଇଁ ପକାଯାଏ । |

**ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) | ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ପ୍ଲାଣ୍ଟ ପ୍ରୋଟେକ୍ସନ | ବର୍ତମାନ ସମୟରେ ବିଭିର୍ଣ୍ଣ ପନିପରିବାରେ ସାହେବୀ ରୋଗ ହେବାର ସମ୍ଭାବନା ଅଛି । ଏହା ଏକ ଭୂତାଣୁ ଜନିତ ରୋଗ ଯାହାକି ଧଳାମାଛି ଓ ଅନ୍ୟ ଶୋଷକ କୀଟ ଗୁଡିକ ଦ୍ଵାରା ବ୍ୟାପିଥାଏ । ଏହି ରୋଗକୁ ପ୍ରତିରୋଧ କରିବା ପାଇଁ ପ୍ରତି କେଜି ବିହନକୁ ୪ଗ୍ରାମ Imidacloprid ସହ ବିହନ ବିଶୋଧନ ନିହାତି ଜରୁରୀ । ଏହି ରୋଗର ବାହକ ଗୁଡିକ ପରିଚାଳନା ପାଇଁ ମଞ୍ଜି ଗଜା ହେବାର ୧୦-୧୨ଦିନ ପରେଏକର ପ୍ରତି ୮-୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ । ପ୍ରାଥମିକ ଅବସ୍ଥାରେ ମଞ୍ଜି ଗଜା ହେବାର୧୫ଦିନ ପରେ ଏକର ପ୍ରତି ୬୦୦-ମି.ଲି ନିମ୍ବଜାତ କୀଟନାଶକ ୧୫୦୦ପିପିଏମ Azadiractinକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ହେଲେ ଶୃଖଳା ପାଗ ଦେଖି ଏକର ପ୍ରତି ୪୦ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ଗ୍ରାମ Acetamiprid, ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

**ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):**

| |
|---|
| □ ଧାନ, ଡାଲି ଓ ତୈଳ ବୀଜ ଜାତୀୟ ଫସଲର ମାନ କମିଯାଇପାରେ ପାକଳ ଫସଲ ଝଡିପଡିବାର ସମ୍ଭାବନା ରହିଛି । □ ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ଵ ଅମଳ ନଷ୍ଟ ହେବ ଓ ସଡିବା □ ପନିପରିବା ତଳି ଘେରା ନଷ୍ଟ ହେବ □ ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା □ ବିଲ ଓ ଫସଲରେ ପାଣି ଜମିବା |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| ୧. ଧାନ, ଡାଲି ଓ ତୈଳ ବୀଜ ଜାତୀୟ ଫସଲର ମାନ କମିଯାଇପାରେ ପାକଳ ଫସଲ ଝଡିପଡିବାର ସମ୍ଭାବନା ରହିଛି । • ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଏବଂ ନାଳୀ ମୁହଁ କୁ ଖୋଲା ରଖନ୍ତୁ । • ଫସଲର ମାନ ନ କମିବା ପାଇଁ ଯଥାଶୀଘ୍ର ବର୍ଷା ପୂର୍ବରୁ ଅମଳ କରି ନିଅନ୍ତୁ । • ଫସଲ ବୁଣାବୁଣି ସାମୟିକ ସ୍ଥଗିତ ରଖନ୍ତୁ । ୨. ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ଵ ଅମଳ ନଷ୍ଟ ହେବ ଓ ସଡିବା • ପନିପରିବା ର ବୁଢା/ହଳଦିଆ ହୋଇଯାଇଥିବା ତଳ ପତ୍ର ଗୁଡିକୁ ଛିଣ୍ଡାଇ ନଷ୍ଟ କରି ଦିଅନ୍ତୁ । • ପନିପରିବା ଫସଲରେ ଗଛ ମୂଳକୁ ମାଟି ଟେକି ଦିଅନ୍ତୁ । • ଡଙ୍କ ଜାତୀୟ ପନିପରିବା ଯେପରି ଜହ୍ନି, କଲରା ଇତ୍ୟାଦି ଗୁଡିକ ରେ ରଞ୍ଜା ପୋତି ଭଲ ଭାବରେ ଉଠେଇ ଦିଅନ୍ତୁ । • ପନିପରିବା ଫସଲର ତଳିଘରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । • ଝାଉଁଳା ଓ ମୂଳସଢା ରୋଗ ଦେଖାଦେଲେ ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟଲାଗଜିଲ ଓ ମାଙ୍କୋଜେବ ର ମିଳିତ ମିଶ୍ରଣ ଓ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ କୁ ମିଶାଇ ଏହି ଦ୍ରବଣକୁ ଫସଲର ମୂଳକୁ ଭିଜାନ୍ତୁ । ୩. ପନିପରିବା ତଳି ଘେରା ନଷ୍ଟ ହେବ • ପନିପରିବା ଫସଲର ତଳିଘରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**